# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**5.05.2025**

---

## ମହିଳା ବାଣିଜ୍ୟ ମେଳା–ରାଜ୍ୟପାଳ

ସୃଜନଶୀଳତା ଓ ଆତ୍ମ ବିଶ୍ୱାସର ସହ ମହିଳା ଉଦ୍ୟୋଗୀ ଦେଶ ବିକାଶ କାହାଣୀର ନୂତନ ଅଧ୍ୟାୟ ଲେଖୁଛନ୍ତି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମହିଳା ବାଣିଜ୍ୟ ମେଳା ୨୦୨୫ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ମହିଳା ସଶକ୍ତିକରଣ ଦିଗରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟପାଳ ଆଲୋକପାତ କରିଛନ୍ତି । ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ଧରଣୀଧର ନାୟକଙ୍କ ଜୟନ୍ତୀ

ବିପ୍ଳବୀବୀର ଧରଣୀଧର ନାୟକଙ୍କ ୧୬୧ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ତାଙ୍କର ଅମ୍ଳାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି

ଅବସରରେ କେନ୍ଦୁଝର ଜିଲ୍ଲା କୁସୁମିତାଠାରେ ଅନୁଷ୍ଠିତ ହେବାକୁ ଥିବା ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏଥିସହ କୁସୁମିତା ଗାଁର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ କେତେକ କଲ୍ୟାଣକାରୀ ପଦକ୍ଷେପର ମୁଖ୍ୟମନ୍ତ୍ରୀ ଘୋଷଣା କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ସ୍ମୃତି ସଂଗ୍ରହାଳୟ, ବାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଆଦି ଅନ୍ତର୍ଭୁକ୍ତ ।

ବିଧାନସଭା ମୁଖ୍ୟ ଫାଟକ ନିକଟରେ ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ଆଜି ପୂର୍ବାହ୍ନରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ଅତିଥି ମାଲ୍ୟାର୍ପଣ କରିବେ । ସେହିଭଳି ଇଏସ୍ଆଇ ହସ୍ପିଟାଲ ଛକଠାରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ରବି ନାରାୟଣ ନାଏକ, ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଆଜି ମଧ୍ୟ ଅଲଚିକି ଲିପିର ଜନକ ତଥା ସାନ୍ତାଳୀ ଭାଷାର ମହାନ୍ ସାହିତ୍ୟିକ, ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଉଛି ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

## ପର୍ଯ୍ୟଟନ ମନ୍ତ୍ରୀ

ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଅନୁକରଣୀୟ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ କହିଛନ୍ତି । ରାଜସ୍ଥାନ ଜୟପୁରଠାରେ ମିଟ୍-ଇନ୍-ଇଣ୍ଡିଆ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଶେଖାଓ୍ୱତ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ରାଜ୍ୟରେ ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ନେଇ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଅଭିନବ ପ୍ରୟାସ ଉପରେ ଉପମୁଖ୍ୟମନ୍ତ୍ରୀ  ନିବେଶକଙ୍କ ସହ ମତ ବିନିମୟ କରିଛନ୍ତି ।

## ଓ୍ୱେଭ୍ସ ଉଦ୍‌ଯାପିତ

ମୁମ୍ବାଇର ଜିଓ ଓ୍ୱାର୍ଲ୍ଡ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରଥମ ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ଓ୍ୱେଭ୍ସ-୨୦୨୫ ଗତସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ୪ ଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀକୁ ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ଏଥିରେ ୯୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରର ନିର୍ମାତା, ଅଂଶୀଦାର, ନୀତି ନିର୍ଦ୍ଧାରକ ଏବଂ ନିବେଶକଙ୍କୁ ଏହି ସମ୍ମିଳନୀ ଏକ

ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିଛି । ଏହି ଅବସରରେ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରକୁ ଗତିଶୀଳ କରିବା ଲକ୍ଷ୍ୟନେଇ କେତେକ ଆନ୍ତର୍ଜାତିକ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୱେଭ୍‌ସ ବଜାର ମାଧ୍ୟମରେ ଏକହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ନେଇ ବୁଝାମଣା ହୋଇଥିବା ଜଣାପଡିଛି । ଏହି ଅବସରରେ ପ୍ରସ୍ତୁତ ୱେଭ୍‌ସ ରାଜିନାମାରେ ୭୭ଟି ରାଷ୍ଟ୍ରର ପ୍ରତିନିଧି ସ୍ୱାକ୍ଷର କରିଛନ୍ତି ।

## ମାଟ୍ରିକ ପରୀକ୍ଷା ଖାତା ପୁନଃ ଯାଞ୍ଚ

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଖାତା ପୁନଃ ଯାଞ୍ଚ ନିମନ୍ତେ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେଉଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉଭୟ ସବ୍‌ଜେକ୍ଟିଭ୍ ଏବଂ ଅବ୍‌ଜେକ୍ଟିଭ୍ ଉତ୍ତରଖାତା ପାଇଁ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ । ଆବେଦନ କରିବାର ଶେଷ ତାରିଖ ଆସନ୍ତା ୧୬ ତାରିଖକୁ ଧାର୍ଯ୍ୟ ହୋଇଛି । ସେହିଭଳି ମଧ୍ୟମା, ସଂସ୍କୃତ ପରୀକ୍ଷା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ମଧ୍ୟ ପୁନଃ ଯାଞ୍ଚ ପାଇଁ ଅଫ୍‌ଲାଇନ୍ ମାଧ୍ୟମରେ ଆଜିଠାରୁ ଆବେଦନ କରିପାରିବେ ।

## ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଚଳିତବର୍ଷର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ଓଡ଼ିଆ ସମେତ ୨୪ଟି ଭାଷାରେ ଅନୁବାଦ ପୁସ୍ତକ ଆହ୍ୱାନ କରାଯାଇଛି । ୨୦୧୯ ଜାନୁଆରୀ ପହିଲାରୁ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପ୍ରଥମଥର ପାଇଁ ପ୍ରକାଶିତ ଅନୁବାଦ ପୁସ୍ତକ ଗୁଡ଼ିକୁ ଏଥିପାଇଁ ବିଚାରକୁ ନିଆଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି । ଅନୁବାଦକ କିମ୍ବା ପ୍ରକାଶକ ବହିର ଏକକିତା ନକଲ ସହିତ ଆବେଦନପତ୍ର ଆସନ୍ତା ମାସ ୫ ତାରିଖ ସୁଦ୍ଧା ଜମା କରିପାରିବେ ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଝଡ଼ ତୋଫାନ ଏବଂ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଗଜପତି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୧୪ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଧରଣୀଧର ନାୟକଙ୍କ ଜୟନ୍ତୀ

ବିପ୍ଲବୀବୀର ଧରଣୀଧର ନାୟକଙ୍କ ୧୬୧ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ତାଙ୍କର ଅମ୍ଳାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି

ଅବସରରେ କେନ୍ଦୁଝର ଜିଲ୍ଲା କୁସୁମିତାଠାରେ ଅନୁଷ୍ଠିତ ହେବାକୁ ଥିବା ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏଥିସହ କୁସୁମିତା ଗାଁର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ କେତେକ କଲ୍ୟାଣକାରୀ ପଦକ୍ଷେପର ମୁଖ୍ୟମନ୍ତ୍ରୀ ଘୋଷଣା କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ସ୍ମୃତି ସଂଗ୍ରହାଳୟ, ବାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଆଦି ଅନ୍ତର୍ଭୁକ୍ତ ।

ବିଧାନସଭା ମୁଖ୍ୟ ଫାଟକ ନିକଟରେ ବିପ୍ଲବୀଙ୍କ ପ୍ରତିମୂର୍ତ୍ତିରେ ଆଜି ପୂର୍ବାହ୍ନରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ଅତିଥି ମାଲ୍ୟାର୍ପଣ କରିବେ । ସେହିଭଳି ଇଏସ୍ଆଇ ହସ୍ପିଟାଲ ଛକଠାରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ରବି ନାରାୟଣ ନାଏକ, ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଆଜି ମଧ୍ୟ ଅଲଚିକି ଲିପିର ଜନକ ତଥା ସାନ୍ତାଳୀ ଭାଷାର ମହାନ୍ ସାହିତ୍ୟିକ, ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଉଛି ।